# କୁଳାଡ଼-ଧନଞ୍ଜୟପୁର ବିଜୁ ସେତୁ ଶିଳାନ୍ୟାସ

ଭଞ୍ଜନଗର,୩।୧୨(ବାବୁଲା ପ୍ରଧାନ)

## ଲୋକଙ୍କ ଉନ୍ନତି ପାଇଁ ନିୟମରେ କୋହଳ ହେଉଛି: ଅର୍ଥମନ୍ତ୍ରୀ

ଭଞ୍ଜନଗର ବ୍ଲକ କୁଳାଡ଼-ଧନଞ୍ଜୟପୁର ରାସ୍ତାର ବଡ଼ନଦୀ ଉପରେ ବିଜୁ ସେତୁ ନିର୍ମାଣ ପାଇଁ ରବିବାର ଶିଳାନ୍ୟାସ ହୋଇଛି । ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିଥିଲେ। ଏହି ଅବସରରେ ସେ କହିଥିଲେ ରାଜ୍ୟରେ ଗମନାଗମନ କ୍ଷେତ୍ରରେ ପରିବର୍ତ୍ତନ ଆଣିବାରେ ବିଜୁ ସେତୁ ପ୍ରମୁଖ ମାଧ୍ୟମ ପାଲଟିଛି। କୁଳାଡ଼-ଧନଞ୍ଜୟପୁର ସେତୁକୁ ସରକାରୀ ନୀତିନିୟମ କଟକଣା ଯୋଗୁ ଅନୁମୋଦନ ମିଳୁ ନ ଥିଲା । ସରକାରଙ୍କ ନିୟମ ଅଛି ଯେଉଁଠି ଗୋଟିଏ ସେତୁ ଅଛି, ତାର ଉପର ମୁଣ୍ଡ ଏବଂ ତଳମୁଣ୍ଡର ୫ କିମି ମଧ୍ୟରେ କୌଣସି ସେତୁ ନିର୍ମାଣ ହୋଇପାରିବ ନାହିଁ । ବର୍ତ୍ତମାନ ଶିଳାନ୍ୟାସ ହେଉଥିବା ସେତୁର ଉଭୟ ମୁଣ୍ଡରେ ୫ କିମି ମଧ୍ୟରେ ସେତୁ ଅଛି। କିନ୍ତୁ ଲୋକଙ୍କ ଉନ୍ନତି ପାଇଁ ସରକାରୀ ନୀତି ନିୟମରେ ବେଳେ ବେଳେ କୋହଳ ଆଣିବାକୁ ପଡୁଥିବା କହିଥିଲେ। ପ୍ରାୟ ୧୧ କୋଟି ଟଙ୍କା ବ୍ୟୟରେ ସେତୁଟି ବର୍ଷକ ମଧ୍ୟରେ ନିର୍ମାଣ ହେବ । କୁଳାଡ଼ ପଞ୍ଚାୟତକୁ ବିଗତ ଦିନରେ ଜାତୀୟ ଓ ରାଜ୍ୟସ୍ତରରେ ପୁରସ୍କାର ମିଳିଛି । ବ୍ଲକ ପ୍ରଶାସନ ଏବଂ ପଚାଂୟତ ପ୍ରତିନିଧିମାନଙ୍କ ପ୍ରଚେଷ୍ଟାରେ ଏହା ସମ୍ଭବ ହୋଇପାରିଛି ବୋଲି ମନ୍ତ୍ରୀ ସେଠାରେ ଅନୁଷ୍ଠିତ ଏକ ସଭାରେ କହିଥିଲେ। ଏଥିସହ କୁଳାଡ଼ ହାଇସ୍କୁଲର ଅତିରିକ୍ତ ଶ୍ରେଣୀ ଗୃହ, ଯାତ୍ରୀ ବିଶ୍ରାମାଗାର, ପଞ୍ଚାୟତ ଇ-ଲାଇବ୍ରେରୀ କାର୍ଯ୍ୟାଳୟକୁ ସେ ଉଦ୍‌ଘାଟନ କରିଥିଲେ। ବିଡ଼ିଓ ଶଶଭୂଷଣ ମହାପାତ୍ର, ସହକାରୀ ନିର୍ବାହୀଯନ୍ତ୍ରୀ ଶ୍ୟାମଘନ ପ୍ରଧାନ, ସରକାରୀ ଓକିଲ ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ଦିବାକର ନାୟକ, ରଞ୍ଜିତ ତ୍ରିପାଠୀ, ଶୁଳପାଣି ଶତପଥୀ, କୁଳାଡ଼ ହାଇସ୍କୁଲ ପ୍ରଧାନ ଶିକ୍ଷକ, ସରପଞ୍ଚ ସମିତିସଭ୍ୟା ସମେତ ପ୍ରମୁଖ ଉପସ୍ଥିତ ଥିଲେ ।

# ସମର୍ଥକଙ୍କ ସହ ବିଜେଡିରେ ମିଶିଲେ ପୂର୍ବତନ ସରପଞ୍ଚ



ପୂର୍ବତନ ସରପଞ୍ଚ ବିଶ୍ୱନାଥ ସେଠୀଙ୍କୁ ଅର୍ଥମନ୍ତ୍ରୀ ସ୍ୱାଗତ କରୁଛନ୍ତି ।

ଭଞ୍ଜନଗର,୩।୧୨(ବାବୁଲା ପ୍ରଧାନ)

ଭଞ୍ଜନଗର ନିର୍ବାଚନମଣ୍ଡଳୀରେ ବିଜେଡି ଯେଭଳି ଆହୁରି ଅଧିକ ସୁଦୃଢ଼ ହେବ ସେଥିପାଇଁ ବିଧାୟକ ତଥା ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ନକ୍ସା ପ୍ରସ୍ତୁତ କରି ସେହି ଅନୁସାରେ ଆଗକୁ ବଢୁଛନ୍ତି। ରବିବାର ଭଞ୍ଜନଗର ବ୍ଲକ କୁଳାଡ଼ରେ ବିଜେଡ଼ିର ଏକ ମିଶ୍ରଣପର୍ବ ହୋଇଥିଲା। ଅର୍ଥମନ୍ତ୍ରୀ ଆରୁଖ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅନ୍ୟ ଦଳରୁ ଆସି ବିଜେଡ଼ିରେ ମିଶିଥିବା ନୂତନ ନେତାମାନଙ୍କୁ ସ୍ୱାଗତ କରିଥିଲେ। କୁଳାଡ଼ ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଶ୍ୱନାଥ ସେଠୀ, ଗାଣ୍ଡୁ ସେଠୀ, ବାଜ ମହାରଣା, କାମ୍ପ ବେହେରା, ଦିପୁ ପ୍ରଧାନ ପ୍ରମୁଖ ନିଜ ସମର୍ଥକଙ୍କ ସହ ବିଜେଡ଼ିରେ ମିଶିଥିବା ଘୋଷଣା କରିଥିଲେ। ରବିବାର ମିଶ୍ରଣ ପର୍ବରୁ ଆରୁଖ ମିଶନ ୨୦୨୪ ଆରମ୍ଭ କରିଛନ୍ତି। ଏଭଳି ମିଶ୍ରଣ ପ୍ରକ୍ରିୟା ପର୍ଯ୍ୟାୟକ୍ରମେ ହେବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି । ଏହି ଅବସରରେ ସେଠାରେ ଆୟୋଜିତ ସଭାରେ ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ପ୍ରତିନିଧି ଦିବାକର ନାୟକ, ବ୍ଲକ ଅଧ୍ୟକ୍ଷ ନରୀସଭା ନାୟକ, ଜିଲା ପରିଷଦ ସଭ୍ୟ ଜିତେନ୍ଦ୍ର କେଶରୀ ଆରୁଖ, ସମିତିସଭ୍ୟ ପ୍ରତିନିଧି ରାମହରି ପାତ୍ର, ଜିଲା ବିଜେଡ଼ି ଉପ ସଭାପତି ରାଜ କୁମାର ସାହୁ, ପ୍ରକାଶ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ବିକ୍ରମଙ୍କୁ ସପ୍ତମଥର ପାଇଁ ବିଧାୟକ ଭାବେ ଏବଂ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ନିର୍ବାଚିତ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଶୁଳପାଣି ଶତପଥୀ ସଭା ସଂଯୋଜନା କରିଥିଲେ।

## ସଂକ୍ଷେପରେ

### ସର୍ବଭାରତୀୟ ଏଲଆଇସି କ୍ରୀଡ଼ା

### ଦୌଡ଼ରେ ଆଶାରାଣୀଙ୍କୁ ବ୍ରୋଞ୍ଜ




ଭଞ୍ଜନଗର, ୩।୧୨(ବାବୁଲା ପ୍ରଧାନ) ସର୍ବଭାରତୀୟ ଏଲଆଇସି କ୍ରୀଡା ପ୍ରତିଯୋଗିତା ଗୋଆରେ ନଭେମ୍ବର ୨୮ରୁ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ହୋଇଥିଲା। ଏଥିରେ ଭଞ୍ଜନଗର ଏଲ୍‌ଆଇସି କାର୍ଯ୍ୟାଳୟର କର୍ମଚାରୀ ଆଶାରାଣୀ ପଣ୍ଡା ୮୦୦ ମିଟର ଦୌଡ ପ୍ରତିଯୋଗିତାରେ ଭାଗ ନେଇ ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

### ନଗର ଭାଜପା କର୍ମକର୍ତ୍ତା ଚୟନ

**ବୁଗୁଡ଼ା,୩।୧୨(କାଳି ଚରଣ ଦାଶ):** ପୋଲସରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବୁଗୁଡ଼ା ନଗର ମଣ୍ଡଳର ଏକ ସାଙ୍ଗଠନିକ ବୈଠକ କାଦପଡ଼ା ସ୍ଥିତ ଠାକୁରାଣୀ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସର୍ବସମ୍ମତି କ୍ରମେ ନୂତନ ମଣ୍ଡଳ କମିଟି ଗଠନ କରିବା ସହିତ ସଭାପତି ଭାବେ କେଦାରନାଥ ମହାରଣା ଏବଂ ସାଧାରଣ ସମ୍ପାଦକ ଭାବେ ସୁଜନ କୁମାର ଦାସଙ୍କୁ ଚୟନ କରାଗଲା। ବୈଠକରେ ପୂର୍ବତନ ସଭାପତି ତଥା ଆଇନଜୀବୀ ହରପ୍ରସାଦ ଦାସ, ବ୍ଲକ୍ ସଂଯୋଜକ ହରିକୃଷ୍ଣ ସାହୁ, କାର୍ଯ୍ୟକାରିଣୀ ସଦସ୍ୟ ଗଙ୍ଗାଧର ନାୟକ, ଜିଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ କୃଷ୍ଣ ଚନ୍ଦ୍ର ମହାପାତ୍ର, ଉପସଭାପତି କୈଳାଶ ପ୍ରଧାନ, ଗୌର ଚରଣ ପ୍ରଧାନ, ମନୋଜ କୁମାର ପାଣିଗ୍ରାହୀ, କାଉନସିଲର ପ୍ରତିନିଧି ଚିତ୍ତରଞ୍ଜନ ଦାସ, ଯୁବମୋର୍ଚ୍ଚା ସଭାପତି ଶୁଭମ୍ ମିଶ୍ର, ସାଧାରଣ ସମ୍ପାଦକ ସୁନିଲ କୁମାର ନାୟକ, ଅନୁସୂଚିତ ଜାତିର ମୋର୍ଚ୍ଚା ସଭାପତି ଗନ୍ଧମାର୍ଦ୍ଦନ ସେଠୀ ଉପସ୍ଥିତ ଥିଲେ।

### ବାସ ହରା ଜୀବନ କାଟୁଛନ୍ତି ହଳପାଣି



**ଖଜୁରିପଡ଼ା,୩।୧୨(ବିଦୁର ବେହେରା):** ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ଦଳ ପଡା ପଞ୍ଚାୟତର ଲେମ୍ପା କୁମ୍ପା ଗ୍ରାମର ହଳପାଣି ଜାନି ବହୁ ଦିନ ହେବ ବାସ ହରା ହୋଇ ସାହି ପଡିଶାଙ୍କ ଘର ବାରଣ୍ଡାରେ ଜୀବନ କାଟୁଥିବା ଗ୍ରାମବାସୀ କହିଛନ୍ତି। ହଳ ପାଣିଙ୍କ କହିବା ଅନୁଯାୟୀ, ସେ ଘର ଖଣ୍ଡେ ପାଇଁ ପଞ୍ଚାୟତରେ ଦରଖାସ୍ତ କରିଥିଲେ କିନ୍ତୁ ଘର ଖଣ୍ଡେ ନ ମିଳିଥିବାରୁ କ୍ଷୋଭ ପ୍ରକାଶ କରିଛନ୍ତି। ସ୍ତ୍ରୀ ଅଜଣା ରୋଗରେ ଆକ୍ରାନ୍ତ ହୋଇ ଆରପାରିକୁ ଚାଲି ଯାଇଥିବା ବେଳେ ପୁଅ ଝିଅ କେହି ନାହାନ୍ତି । ଏକାକୀ ଏବେ ସାହି ପଡ଼ିଶାଙ୍କ ଘର ଦୁଆରେ ରହି ଜୀବନ କାଟୁଥିବା କହିଛନ୍ତି। ଏ ନେଇ ଦଳ ପଡା ସରପଞ୍ଚ ପଦ୍ମିନୀ ମଲ୍ଲିକଙ୍କୁ ପଚାରିବାରୁ ଏ ସମ୍ବନ୍ଧରେ ବିଡିଓଙ୍କ ସହିତ କଥା ହୋଇ ପଦକ୍ଷେପ ନେବେ ବୋଲି ସେ କହିଛନ୍ତି।

# ଜିଲାସ୍ତରୀୟ ବିଶ୍ୱ ଦିବ୍ୟାଙ୍ଗ ଦିବସ ଉଦ୍‌ଯାପିତ

ଛତ୍ରପୁର,୩।୧୨(ଦିଲୀପ ସାମଲ)



ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ମିଷ୍ଟାନ୍ନ ବଣ୍ଟାଯାଉଛି।

ଗଞ୍ଜାମ ଜିଲା ସମଗ୍ର ଶିକ୍ଷାଅଭିଯାନ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମ ପରିସରରେ ୨ଦିନ ଧରି ଚାଲିଥିବା ବିଶ୍ୱ ଦିବ୍ୟାଙ୍ଗ ଦିବସ ରବିବାର ଉଦଯାପିତ ହୋଇଛି। ପ୍ରଥମେ ଏକ ଶୋଭାଯାତ୍ରା ଛତ୍ରପୁର ସହର ପରିକ୍ରମା କରିଥିଲା। ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସ ଅତିଥି ଭାବେ ଯୋଗଦେଇ ଶୋଭାଯାତ୍ରାକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଉଦଯାପନୀ ସମାରୋହରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଭି. କୀର୍ତ୍ତିଭାସନ ଓ ଗଞ୍ଜାମ ଏସ୍‌ପି ଜଗମୋହନ ମିନା ଯୋଗଦେଇ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ ବଣ୍ଟନ କରି ଉତ୍ସାହିତ କରାଇଥିଲେ। ଏଥିସହିତ ବିଭିନ୍ନ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ଶିକ୍ଷାଧିକାରୀ ତଥା ସମଗ୍ର ଶିକ୍ଷାର ଜିଲ୍ଲା ପ୍ରକଳ୍ପ ସଂଯୋଜିକା ଅମିତା ପଟ୍ଟନାୟକ, ଜିଲା କ୍ରୀଡା ଅଧିକାରୀ ସନ୍ତୋଷ ସାହୁ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପବିତ୍ର ମୋହନ ସାହୁ, ଜିଲା ପରିଷଦର ନିର୍ବାହୀ ଯନ୍ତ୍ରୀ ଇଂ ମନୋଜ ବେହେରା, ସମଗ୍ର ଶିକ୍ଷାର ଅର୍ଥ ପରାମର୍ଶଦାତା ମଧୁସୂଦନ ପରିଡା, ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ତପନ ସାହୁଙ୍କ ସମେତ ବିଭିନ୍ନ ବ୍ଲକର ଗୋଷ୍ଠୀ ଶିକ୍ଷାଧିକାରୀମାନେ ଉପସ୍ଥିତ ଥିଲେ।

ସେହିପରି ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ସ୍ଥାନୀୟ ଜିଲା ସଂସ୍କୃତି ଭବନ ପରିସରରେ ଜିଲା ସାମାଜିକ ସୁରକ୍ଷା ଅଧିକାରିଣୀ କଲ୍ୟାଣୀ ଦାସଙ୍କ ଅଧ୍ୟକ୍ଷତାରେ ଏହି ଦିବସ ପାଳନ କରାଯାଇଛି। ଏଥିରେ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ଅତିରିକ୍ତ ଜିଲାପାଳ ଲିନା କୁମାରୀ ଖେସ, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଛତ୍ରପୁର ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀଣୀ ପି. ପଦ୍ମା, ଲିପିକାର ରଞ୍ଜିତା ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଏକ ଶୋଭାଯାତ୍ରା ଓ ଅତିଥି ମାନଙ୍କ ଦ୍ୱାରା ବ୍ରେଲି କ୍ୟାଲେଣ୍ଡର ଉନ୍ମୋଚନ ହୋଇଥିଲା।

## ବିଜୟାନନ୍ଦ ହାଇସ୍କୁଲର ବାର୍ଷିକ ଉତ୍ସବ

କାଶୀନଗର,୩।୧୨(ଟି କ୍ରିଷ୍ଣା)

କାଶୀନଗର ବ୍ଲକ ଅନ୍ତର୍ଗତ ଅଲଡା ଗ୍ରାମପଞ୍ଚାୟତରେ ଥିବା ବିଜୟାନନ୍ଦ ହାଇସ୍କୁଲର ୨୮ତମ ବାର୍ଷିକ ଉତ୍ସବ ବ୍ଲକ ଅଧ୍ୟକ୍ଷା ବାଲା ସାଇ ଆମ୍ମାଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିବା ବେଳେ ସ୍ଥାନୀୟ ବିଡିଓ ଅନୁପ କୁମାର ପଣ୍ଡା, ଅତିରିକ୍ତ ସହକାରୀ ଯନ୍ତ୍ରୀ ନାରାୟଣ ପଢି ମଧ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟପ୍ରକାଶ ଶତପଥୀ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ପରେ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଇ.ଏ.ଥୋମାସ ବିଦ୍ୟାଳୟ ୧୯୯୪ରୁ କିପରି ବହୁ ସମସ୍ୟା ଦେଇ ଗତି କରୁଥିଲା ସେ ବିଷୟରେ ଉପସ୍ଥିତ ଥିବା ସମସ୍ତ ଅତିଥି ଓ ସ୍ଥାନୀୟ ଗ୍ରାମବାସୀଙ୍କୁ ଅବଗତ କରି ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ସହ ଧନ୍ୟବାଦ ପ୍ରଦାନ କରିଥିଲେ।

## ଅବସରପ୍ରାପ୍ତ ମୁଖ୍ୟ କିରାଣିଙ୍କ ପରଲୋକ

ଦିଗପହଣ୍ଡି,୩।୧୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ତହସିଲ କାର୍ଯ୍ୟାଳୟରେ ମୁଖ୍ୟ କିରାଣୀ ଭାବେ କାର୍ଯ୍ୟକରି ଅବସର ଗ୍ରହଣ କରିଥିବା ପଦ୍ମଚରଣ ପରମଗୁରୁ(୮୪)ଙ୍କ ରବିବାର ଭୋର୍‌ରେ ଚିକିଟି ବ୍ଲକ ଚାନ୍ଦପୁର ପଞ୍ଚାୟତ ଦେଉଳିଆପଡା ଗ୍ରାମ ସ୍ଥିତ ବାସଭବନରେ ପରଲୋକ ହୋଇଛି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ତିନି ପୁଅ ନୀଳମାଧବ, ସଦାନନ୍ଦ, ପ୍ରଶାନ୍ତ, ଝିଅ ମାମି, ଜ୍ୱାଇଁ, ବୋହୂ, ନାତିନାତୁଣୀ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ପରେ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।

# ଜିଲା ସ୍ତରୀୟ ଯୁବ ରେଡକ୍ରସ ପ୍ରଶିକ୍ଷଣ ଶିବିର

ପାରଳାଖେମୁଣ୍ଡି,୩।୧୨(ଗିରିଧାରୀ ପରିଛା)

ପାରଳାଖେମୁଣ୍ଡିସ୍ଥିତ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଏକ ଜିଲା ସ୍ତରୀୟ ଯୁବ ରେଡକ୍ରସ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିର ତିନି ଦିନ ଧରି ଚାଲୁ ରହିବ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କଲେଜ ଅଧ୍ୟକ୍ଷ ଜିତେନ୍ଦ୍ର ନାଥ ପଟ୍ଟନାୟକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଯୁବ ରେଡକ୍ରସର ଜିଲା ଆବାହକ ସୁକାନ୍ତ କୁମାର ବେହେରା ପ୍ରଥମେ ସମସ୍ତଙ୍କୁ ଅଭିନନ୍ଦନ ବାର୍ତ୍ତା ଜଣାଇବା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମୁଖ୍ୟତଃ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରେଡକ୍ରସର ଭୂମିକା କିପରି ରହିବା ଆବଶ୍ୟକ ଏବଂ ଲୋକମାନଙ୍କୁ ବିପର୍ଯ୍ୟୟ ସମୟରେ ଆଶୁ ଚିକିତ୍ସା ଦେବାପାଇଁ କେଉଁ କେଉଁ ଦିଗ ଉପରେ ଦୃଷ୍ଟିଦେବା ଆବଶ୍ୟକ ସେହି ବିଷୟରେ ବୁଝାଇଥିଲେ।

# ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

କବିସୂର୍ଯ୍ୟନଗର,୩।୧୨(କୃପାସିନ୍ଧୁ ସ୍ୱାଇଁ)



ମହିଳାମାନେ ବିଧାୟିକାଙ୍କୁ ପାଛୋଟି ନେଉଛନ୍ତି।

କବିସୂର୍ଯ୍ୟନଗର ବ୍ଲକ ସୁନାପଲ୍ଲୀ ପଞ୍ଚାୟତ ଗୁଣ୍ଡୁପଡ଼ା ଗ୍ରାମରେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଗ୍ରାମର ଦଳିତସାହି କୋଠଘର, ସାବିତ୍ରୀ ମନ୍ଦିର, ହନୁମାନ ମନ୍ଦିର, କାଳୀ ମନ୍ଦିର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ପରେ ପ୍ରାକ୍ତନ ଡିଆରଡିଏ ଅଧ୍ୟକ୍ଷ ସୁରଥ ପ୍ରଧାନ ସଭାପତିତ୍ୱରେ ମେରୁପଡ଼ିଆ ଠାରେ ଏକ ସଭା ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟିକା ସ୍ୱାଇଁ, ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଜିଲା ପରିଷଦ ସଭ୍ୟ ବଳରାମ ପ୍ରଧାନ, ସମବାୟ ବ୍ୟାଙ୍କ ସଭାପତି ମଙ୍ଗୁଳୁ ସାହୁ, ପ୍ରାକ୍ତନ ସମିତି ସଭ୍ୟ ବିବେକାନନ୍ଦ ପ୍ରଧାନ ଓ ରଞ୍ଜିତା ସେଠି, କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀ ଛାତ୍ର ସଭାପତି ନୀଳାଞ୍ଚଳ ମଣ୍ଡଳ, ଜଳନ୍ଧର ନାହାକ, ମନୋଜ ଆପଟଙ୍କ ସମେତ ଶରତ ଚନ୍ଦ୍ର ସ୍ୱାଇଁ, ରୋହିତ ପରିଡା, ଉମାକାନ୍ତ ରଥ, ବାପୁଜୀ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

# ଦାରିଙ୍ଗବାଡ଼ି ହୋଟେଲରେ ପ୍ରଶାସନର ଚଢ଼ାଉ

ଦାରିଙ୍ଗବାଡି, ୩।୧୨(ଅରୁଣ ସାହୁ)

- ପର୍ଯ୍ୟଟକଙ୍କ ସାମାଜିକ, ଖାଦ୍ୟ, ରହଣି ସୁରକ୍ଷା ଯାଞ୍ଚ
- ୧୦ ରନ୍ଧନ ଗ୍ୟାସ ଜବତ,୨୭ ହଜାର ଜରିମାନା

ପର୍ଯ୍ୟଟକଙ୍କ ସାମାଜିକ, ଖାଦ୍ୟ, ରହଣି ସୁରକ୍ଷା ଯାଞ୍ଚ ପାଇଁ ପ୍ରଶାସନ ପକ୍ଷରୁ ଦାରିଙ୍ଗବାଡ଼ିର ବିଭିନ୍ନ ହୋଟେଲରେ ଶନିବାର ଚଢ଼ାଉ କରାଯାଇଛି। ଏଥିରେ ୧୦ ଘରୋଇ ରନ୍ଧନ ଗ୍ୟାସ ଟାଙ୍କିକୁ ପ୍ରଶାସନ ଜବତ କରିଛି। ୫ଟି ହୋଟେଲ, ଲଜ୍, ରେଷ୍ଟୁରାଣ୍ଟରୁ ୨୭ ହାଜର ଟଙ୍କା ଜରିମାନା ଆଦାୟ କରାଯିବା ସହ ପଚା ଖାଦ୍ୟ ଗୁଡିକୁ ପ୍ରଶାସନ ନଷ୍ଟ କରିଛି। ଏହି ଚଢ଼ାଉରେ ସ୍ଥାନୀୟ ବିଡିଓ ଗଦାଧର ପାତ୍ର, ତହସିଲଦାର ଦଣ୍ଡାଧିକାରୀ ଶରତ ଶବର, ଆଇଆଇଆସି ଆନନ୍ଦ ଚନ୍ଦ୍ର ପାତ୍ର, ଯୋଗାଣ ନିରୀକ୍ଷକ ନିହାର ରଞ୍ଜନ ବେହେରା, ଅଗ୍ନିଶମ ବିଭାଗର ହାବିଲଦାର ସତ୍ୟନାରାୟଣ ବେହେରା ପ୍ରମୁଖ ସଦଳବଳ ସାମିଲ ହୋଇଥିଲେ। ପ୍ରଶାସନର ଏଭଳି ଚଢ଼ାଉକୁ ଭୟରେ ସମସ୍ତ ହୋଟେଲ, ରେଷ୍ଟରାଣ୍ଟ ଗୁଡିକ ବନ୍ଦ କରିଦିଆଇଥିବା ବେଳେ ପରବର୍ତ୍ତୀ ସମୟରେ ପ୍ରଶାସନ ଏହି ଚଢ଼ାଉ ଜାରି ରଖିବେ ବୋଲି ବିଡିଓ କହିଛନ୍ତି।

# ଗୁଣାତ୍ମକ ଶିକ୍ଷାଦାନ ପାଇଁ ପ୍ରଶିକ୍ଷଣ ଶିବିର

ଛତ୍ରପୁର,୩।୧୨(ଦିଲୀପ ସାମଲ)

ଗୁଣାତ୍ମକ ଶିକ୍ଷା ସହିତ ନୂତନ ଶିକ୍ଷା ନୀତି ଅନୁସାରେ ସିବିଏସଇ ସ୍ୱୀକୃତିପ୍ରାପ୍ତ ସ୍କୁଲର ଶିକ୍ଷୟତ୍ରୀ ଶିକ୍ଷକମାନଙ୍କୁ ନେଇ ଛତ୍ରପୁର ଜେଲ୍ ରୋଡ଼ରେ ଥିବା ୟୁରୋ କିଡ଼ସ ସ୍କୁଲ ପରିସରରେ ୨ ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ମୁଖ୍ୟ ପୃଷ୍ଠପୋଷକ ସସ୍ମିତା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚଣ୍ଡୀପଦର ସ୍ଥିତ କ୍ଲୋରୋଫିଲ ସ୍କୁଲର ସିନିୟର ପ୍ରିନ୍ସିପାଲ ଆଲୋକ କୁମାର ମହାନ୍ତି ଓ ଭୁବନେଶ୍ୱର ଜୁପିଟର ପବ୍ଲିକ ସ୍କୁଲ ଏକାଡେମୀ ଡାଇରେକ୍ଟର ପ୍ରଶାନ୍ତ କୁମାର ପଣ୍ଡା ପ୍ରଶିକ୍ଷକ ଭାବେ ଯୋଗଦେଇ ସିବିଏସଇ ପାଠ ସମ୍ବନ୍ଧରେ ବିଭିନ୍ନ ତାଲିମ ଦେଇଥିଲେ। ସେମାନେ ଠିକ ଭାବେ ତାଲିମପ୍ରାପ୍ତ ହେଲେ ଛାତ୍ରୀଛାତ୍ରମାନଙ୍କୁ ଗୁଣାତ୍ମକ ଶିକ୍ଷା ସହ ଅନ୍ୟାନ୍ୟ ସମ୍ବନ୍ଧରେ କାର୍ଯ୍ୟ କରିବାରେ ସହାୟକ ହୋଇପାରିବେ । ଅନ୍ୟ ଶିକ୍ଷାନୁଷ୍ଠାନ ଭଳି ଛତ୍ରପୁର ୟୁରୋ ସ୍କୁଲର ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାଦାନରେ ଉନ୍ନତି ହୋଇପାରିବ ବୋଲି ମଧ ସ୍କୁଲର ରଞ୍ଜନ ମହାପାତ୍ର କହିଛନ୍ତ। କାର୍ଯ୍ୟକ୍ରମରେ ସ୍କୁଲ ପ୍ରିନ୍ସିପାଲ କୁମାରୀ ତପସ୍ୱିନୀ, ଏକାଡେମୀ ଡାଇରେକ୍ଟର ପ୍ରମୋଦ କୁମାର ମିଶ୍ର, ଭାଇସ ପ୍ରିନ୍ସିପାଲ ସୁଧାଂଶୁ କୁମାର ଚୌଧୁରୀଙ୍କ ସମେତ ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

## ଟାଏକୋଣ୍ଡୋ ପ୍ରତିଯୋଗିତା, ସାଇ ସଂପ୍ରତିଙ୍କୁ ବ୍ରୋଞ୍ଜ




**ପାତ୍ରପୁର,୩।୧୨(ଉମା ଚରଣ ନେପାକ):** ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀସ୍ଥିତ ଲକ୍ଷ୍ମୀନାରାୟଣ ଟାଏକୋଣ୍ଡୋ ଏକାଡେମୀ ପକ୍ଷରୁ ଉତ୍ତରାଖଣ୍ଡଠାରେ ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଂଶଗ୍ରହଣ କରିଥିବା ସାଇ ସଂପ୍ରତି ପ୍ରଧାନ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସାଇ ସଂପ୍ରତିଙ୍କ ସଫଳତା ପରେ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟୁଛି।

# ଉନ୍ନୟନ କାର୍ଯ୍ୟ ପରିଦର୍ଶନ କଲେ ଅଧିକାରୀ

ଧରାକୋଟ,୩।୧୨(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଗଞ୍ଜାମ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଭି. କୀର୍ତ୍ତିଭାସନ ଧରାକୋଟ ବ୍ଲକରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପରିଦର୍ଶନ କରିବା ସହ ସମୀକ୍ଷା କରିଥିଲେ। ପ୍ରଥମେ ଦରୁଆ ବନ୍ଧ ନିକଟରେ ନବ ନିର୍ମିତ ମାର୍କେଟ କମ୍ପ୍ଲେକ୍ସରେ ମିଶନ ଶକ୍ତି ତରଫରୁ ଏକ ମିଶନ କାଫେ ଖୋଲି ଏହାର ଦାୟିତ୍ୱ ସ୍ୱୟଂ ସହାୟକ ଗୋଷ୍ଠୀକୁ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ନେଳିଆ ବନ୍ଧର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ, ନିର୍ମାଣଧିନ ପାର୍କ, ରୂପାନ୍ତରଣ ହେବାକୁ ଥିବା ଅନନ୍ତ ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସୋମନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିଦର୍ଶନ କରିବା ସହ ଲକ୍ଷ୍ମୀ ବସଷ୍ଟାଣ୍ଡ କାର୍ଯ୍ୟର ସମୀକ୍ଷା କରିଥିଲେ। ପରିଦର୍ଶନ ବେଳେ ବିଡିଓ ଡେନିସ ବେହେରା, ସହକାରୀ ଯନ୍ତ୍ରୀ ପ୍ରମୋଦ କୁମାର ପାଣିଗ୍ରାହୀ, କନିଷ୍ଠ ଯନ୍ତ୍ରୀ ପ୍ରଦୀପ ନାୟକ ଓ ପୂର୍ବତନ ସରପଞ୍ଚ ଦିଲୀପ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଅନ୍ୟମାନଙ୍କଠାରୁ କମ୍ ନୁହନ୍ତି ଦିବ୍ୟାଙ୍ଗ

ପାରଳାଖେମୁଣ୍ଡି,୩।୧୨(ଗିରିଧାରୀ ପରିଛା)

ପାରଳାଖେମୁଣ୍ଡି ସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ ଜିଲାସ୍ତରୀୟ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ବିଜୁ କଲ୍ୟାଣ ମଣ୍ଡପଠାରେ ଜିଲା ସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବାହ୍ନ ୯ଟାରେ ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଦିବ୍ୟାଙ୍ଗ ବ୍ୟକ୍ତି, ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ଏନ୍‌ଜିଓର କର୍ମକର୍ତ୍ତା, ବିଦ୍ୟାଳୟର ଛାତ୍ରୀଛାତ୍ର, କିନ୍ନର ଓ ବିଭାଗୀୟ କର୍ମକର୍ତ୍ତାଙ୍କୁ ନେଇ ଏକ ପଦଯାତ୍ରାକୁ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମିଞ୍ଜ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଯୋଗ ଦେଇଥିଲେ। ପରେ ଏକ ସାଧାରଣ ସଭା ୧୦.୩୦ ମିନିଟ ସମୟରେ ଆରମ୍ଭ ହୋଇଥିଲା। ଉକ୍ତ ସଭାରେ ଅତିରିକ୍ତ ଜିଲାପାଳ ଶ୍ରୀ ମିଂଜ ସଭାପତିତ୍ୱ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷା ନିର୍ମଳା ସେଠୀ, ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ଡା.ମହମ୍ମଦ ମୁବାରକ ଅଲି, ସମର୍ଥ ସଂସ୍ଥା ସମ୍ପାଦକ ସନ୍ତୋଷ ମହାରଣା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସନ୍ତୋଷ ମହାରଣା ମଞ୍ଚ ପରିଚାଳନା କରିଥିଲେ। ଉକ୍ତ କାର୍ଯକ୍ରମରେ ସୁରଭି କିନ୍ନର ସ୍ୱୟଂ ସହାୟକ ଗୋଷ୍ଠୀ, ରୁମୁଣ୍ଡା ଭିନ୍ନକ୍ଷମ ସ୍ୱୟଂ ସହାୟକ ଦଳ ଏବଂ ଜଗତଜନନୀ ଭିନ୍ନକ୍ଷମ ସ୍ୱୟଂ ସହାୟକ ଦଳ ନିଜେ ତିଆରି କରିଥିବା ଉପକରଣ ଗୁଡିକୁ ପ୍ରଦର୍ଶନୀ କରିଥିଲେ। ସଭାରେ ୪ ଜଣ ଦିବ୍ୟାଙ୍ଗ ଅନନ୍ତ ଶବର, ପୂନିୟା ମଣ୍ଡଳ, ଟିକିମା ବରାଡ ଓ ତିରୁପତି ଗାଣ୍ଟାଙ୍କୁ ଆତ୍ମନିର୍ଭରଶୀଳ ଦିବ୍ୟାଙ୍ଗ ଭାବେ ପ୍ରଶଂସା ପତ୍ର ସହ ସମ୍ମାନିତ କରାଯାଇଥିଲା। ସମର୍ଥ ଅନୁଷ୍ଠାନକୁ ଦିବ୍ୟାଙ୍ଗ ମାନଙ୍କ ନିମନ୍ତେ ପ୍ରଶଂସନୀୟ କାର୍ଯ୍ୟ କରୁଥିବା ଯୋଗୁ ପ୍ରଶଂସା ପତ୍ର ଦିଆଯାଇଥିଲା।



## ବନ୍ଧରୁ ମୃତଦେହ ଜବତ

**ଚିକିଟି,୩।୧୨ (ପ୍ରକାଶ ଚନ୍ଦ୍ର ସାହୁ):** କେ.ନୂଆଗାଁ ଥାନା ଅନ୍ତର୍ଗତ ଚିକିଟିପେଣ୍ଠସ୍ଥିତ ବଡ ବନ୍ଧରୁ ରବିବାର କେ ନୂଆଗାଁ ପୋଲିସ ଏକ ଗଳିତ ମୃତଦେହ ଜବତ କରିଛି। ମୃତକ ହେଲେ ଚିକିଟିପେଣ୍ଠର ନରସିଂହ ସାହୁ (୬୫)। ନରସିଂହ ଗତ ୫ ଦିନ ଧରି ନିଖୋଜ ଥିବା ପୁତ୍ର ପ୍ରଶାନ୍ତ କୁମାର ସାହୁ କେ.ନୂଆଗାଁ ଥାନାରେ ଅଭିଯୋଗ କରିଥିଲେ। ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା। ରବିବାର ସକାଳେ ବନ୍ଧରେ କିଛିଲୋକ ଗାଧୋଉଥିବା ସମୟରେ ମୃତଦେହଟି ଭାସୁଥିବା ଦେଖିଥିଲେ। କେ. ନୂଆଗାଁ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ୧୦/୨୦୨୩ ରୁଜୁ କରି ଘଟଣାଟିର ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲାପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି।

# ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ: ଛତ୍ରପୁର ପ୍ରେସ୍ କ୍ଲବ ଏକାଦଶ ବିଜୟୀ

ଛତ୍ରପୁର,୩।୧୨(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)



ଏସ୍‌ପିଙ୍କ ସହ ବିଜୟୀ ଦଳ।

ଅନସ୍ଲୋ ଖେଳ ପଡିଆରେ ବିଶ୍ୱ ଦିବ୍ୟାଙ୍ଗ ଦିବସ ଉପଲକ୍ଷେ ଛତ୍ରପୁର ପ୍ରେସ କ୍ଲବ ଓ ବ୍ରହ୍ମପୁର ପ୍ରେସ କ୍ଲବ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ହୋଇଯାଇଛି। ଗଞ୍ଜାମ ଏସ୍‌ପି ଜଗମୋହନ ମୀନା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ। ଟସ ଜିତି ବ୍ରହ୍ମପୁର ପ୍ରେସ୍ ଏକାଦଶ ନିର୍ଦ୍ଧାରିତ ୧୫ ଓଭରରେ ୧୦୮ ରନ ସଂଗ୍ରହ କରିଥିଲା। ବ୍ରହ୍ମପୁର ଏକାଦଶ ଦଳର ଗୋପାଳ ରେଡ୍ଡୀ ସର୍ବାଧିକ ୩୭ ରନ ସଂଗ୍ରହ କରିଥିବା ବେଳେ ଛତ୍ରପୁରର ମିଥୁନ ବାରିକ ୩ ଓଭର ବୋଲିଂ କରି ୩ଟି ଉଇକେଟ ନେଇଥିଲେ। ଜବାବରେ ଛତ୍ରପୁର ପ୍ରେସ କ୍ଲବ ଏକାଦଶ ୧୧.୧ ଓଭରରେ ୪ ଉଇକେଟ ହରାଇ ୧୦୯ ରନ କରି ବିଜୟୀ ହୋଇଛି। ଦଳ ପକ୍ଷରୁ ସୁଧୀର ନାହାକ ସର୍ବାଧିକ ଅପରାଜିତ ୩୭ ରନ କରିଥିବା ବେଳେ ମିଥୁନ ବାରିକ ୨୫ ରନ କରି ଅପରାଜିତ ଥିଲେ। ୨୫ ରନ ସହ ୩ ଓଭର ବୋଲିଂ କରି ୩ଟି ଉଇକେଟ ନେଇଥିବା ମିଥୁନ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ସମାନ ସଂଖ୍ୟକ ରନ (୩୭) କରିଥିବା ବ୍ରହ୍ମପୁରର ଗୋପାଳ ଓ ଛତ୍ରପୁରର ସୁଧୀରଙ୍କୁ ଶ୍ରେଷ୍ଠ ବ୍ୟାଟସମ୍ୟାନ ଭାବେ ପୁରସ୍କୃତ କରାଯାଇଥିଲା। ମୁଖ୍ୟ ଅତିଥି ଛତ୍ରପୁର ଦଳକୁ ଚମ୍ପିୟନ ଓ ବ୍ରହ୍ମପୁର ଦଳକୁ ରନର୍ସ ଅପ ଟ୍ରଫି ପ୍ରଦାନ କରିଥିଲେ।

## ସଂକ୍ଷେପରେ

**ପୋଲିସ ଅଧିକାରୀ ହତ୍ୟା ମାମଲା**

### ଲଜ୍‌ରୁ କାବୁ ହେଲେ ଫେରାର ଅଭିଯୁକ୍ତ

**ବ୍ରହ୍ମପୁର,୩।୧୨(ସୁବାସ ଚନ୍ଦ୍ର ପାଢ଼ୀ)** ୨୦୧୦ରେ ଶେରଗଡ଼ ଥାନାର ଭାରପ୍ରାପ୍ତ ଅଧିକାରୀ (ଏସ୍‌ଆଇ) ମନୋରଞ୍ଜନ ମିଶ୍ରଙ୍କୁ ହତ୍ୟା କରାଯାଇଥିଲା। ଗତ ୧୫ ତାରିଖରେ ଏହି ମାମଲାର ରାୟ ପ୍ରକାଶ ପାଇଥିଲା। ରାୟ ପ୍ରକାଶ ବେଳେ କୋର୍ଟରେ ଅନୁପସ୍ଥିତ ରହି ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ସମୀର ପଣ୍ଡାଙ୍କୁ ରବିବାର ଟାଉନ ଥାନା ପୋଲିସ ଗୋଲାପଲ୍ଲୀ ନିକଟରେ ଥିବା ଏକ ଲଜ୍‌ରୁ କାବୁ କରିଛି। ତାଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି ହୋଇଥିଲା। ବ୍ରହ୍ମପୁର ଏସପି ଡା.ସର୍ବଣା ବିବେକ ଏମ୍‌.ଙ୍କ ନିର୍ଦ୍ଦେଶକ୍ରମେ ପୋଲିସର ଏକ ସ୍ୱତନ୍ତ୍ର ଟିମ ସେଠାରେ ଚଢ଼ଉ କରି ସମୀରଙ୍କୁ ଧରିଥିଲା। ଗତ ୩୦ତାରିଖରୁ ଆସି ସମୀର ସେଠାରେ ଗୋପନରେ ରହୁଥିଲେ। ଅନ୍ୟ କେଉଁ ଆଡ଼େ ଫେରାର୍ ପାଇଁ ଟଙ୍କା ଯୋଗାଡ଼ କରୁଥିଲେ ବୋଲି ପୋଲିସ ତଦନ୍ତରୁ ଜଣାପଡିଛି। ତାଙ୍କୁ ଗିରଫ ପରେ ଶେରଗଡ ଥାନା ପୋଲିସକୁ ହସ୍ତାନ୍ତର କରାଯାଇଛି।

ସଲଚନାଯୋଗ୍ୟ, ଏହି ମାମଲାରେ ପୂର୍ବରୁ ଅନ୍ୟ ଦୁଇ ଅଭିଯୁକ୍ତଙ୍କ ମଧ୍ୟରୁ ସୁନୀଲ ବେହେରା ପ୍ରମାଣ ଅଭାବରୁ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଥିବା ବେଳେ ଅନ୍ୟ ଅଭିଯୁକ୍ତ ସୁଶାନ୍ତ ବେହେରାଙ୍କୁ ଜଜ୍ ଆଜୀବନ କାରାଦଣ୍ଡାଦେଶ ଦେଇଥିଲେ।

### ଛାତରୁ ପଡ଼ି ଶ୍ରମିକ ମୃତ

**ବ୍ରହ୍ମପୁର,୩।୧୨(ସୁବାସ ଚନ୍ଦ୍ର ପାଢ଼ୀ)** ଏକ ଆପାର୍ଟମେଣ୍ଟରେ ନିର୍ମାଣ କାମ କରୁଥିବା ଜଣେ ଶ୍ରମିକ ଛାତରୁ ଖସିପଡ଼ିବାରୁ ମୃତ୍ୟୁ ଘଟିଛି। ସେ ହେଲେ ଗୋପାଳପୁର ଥାନା ଡୁରା ଗ୍ରାମର ବାବୁ ପ୍ରଧାନ(୬୫)। ଗୋସାଣିନୂଆଗାଁ ପୋଲିସ ଏମ୍‌କେସିଜି ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିଛି। ଏ ସଂକ୍ରାନ୍ତରେ ନଂ.୨୭/୨୩ରେ ଏକ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଗୋସାଣିନୂଆଗାଁ ଥାନା ମିନାକ୍ଷୀ ନଗରରେ ମା' ଶେରାବାଲି ଆପାର୍ଟମେଣ୍ଟର ନିର୍ମାଣ କାର୍ଯ୍ୟ ଚାଲିଛି। ସେଠାରେ ଜଣେ ଠିକାଦାର କିଛି ଶ୍ରମିକଙ୍କୁ କାମରେ ନିୟୋଜିତ କରିଛନ୍ତି। ରବିବାର ସକାଳେ ବାବୁ ଅନ୍ୟ ଶ୍ରମିକଙ୍କ ସହ କାମ କରୁଥିବା ବେଳେ ଗୋଡ଼ ଖସିଯିବାରୁ ସେ ତଳେ ପଡ଼ିଯାଇଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସମ୍ପୃକ୍ତ ଠିକାଦାର ଗୁରୁତର ଆହତ ବାବୁଙ୍କ ପୁଅ ସୁଶାନ୍ତ କୁମାର ପ୍ରଧାନଙ୍କୁ ଏ ନେଇ ସୂଚନା ଦେଇଥିଲେ । ସୁଶାନ୍ତ ସେଠାରେ ପହଞ୍ଚି ବାପାଙ୍କୁ ଉଦ୍ଧାର କରି ଏମକେସିଜିରେ ଭର୍ତ୍ତି କରିଥିଲେ। କିଛି ସମୟ ପରେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ସମ୍ଭାବ୍ୟ ବାତ୍ୟାକୁ ନେଇ ଟ୍ରେନ ବାତିଲ

**ବ୍ରହ୍ମପୁର,୩।୧୨(ସ୍ମୃତି ରଞ୍ଜନ ମହାଲିକ):** ସମ୍ଭାବ୍ୟ ବାତ୍ୟାକୁ ନେଇ ବ୍ରହ୍ମପୁରକୁ ହାୱଡା ପଟୁ ଆସୁଥିବା ଅଧିକାଂଶ ଟ୍ରେନ ଆସନ୍ତା ୮ ତାରିଖ ଯାଏଁ ବାତିଲ କରାଯାଇଥିବା ବ୍ରହ୍ମପୁର ରେଳବାଇ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ମିଳିଛି। ଏଥିମଧ୍ୟରୁ ବେଙ୍ଗାଲୁରୁ ଦୁରନ୍ତ ଏକ୍ସପ୍ରେସ, ହାୱାଡା ଦୁରନ୍ତ ଏକ୍ସପ୍ରେସ, ଚେନାଇ ସେଣ୍ଟ୍ରାଲ ମେଲ, ହାୱଡା ମେଲ, ବେଙ୍ଗାଲୁରୁ ସୁପରଫାଷ୍ଟ ଏକ୍ସପ୍ରେସ, ପୁଡୁଚେରୀ ସୁପରଫାଷ୍ଟ ଏକ୍ସପ୍ରେସ, ବେଙ୍ଗାଲୁରୁ ସାପ୍ତାହିକ ସୁପରଫାଷ୍ଟ ଏକ୍ସପ୍ରେସ ବାତିଲ ହୋଇଥିବା ସୂଚନା ମିଳିଛି। ଟ୍ରେନ ବାତିଲ କାରଣରୁ ବହୁ ଯାତ୍ରୀ ହଇରାଣ ହୋଇଥିଲେ। ଏପରିକି କେତେକ ଷ୍ଟେଶନରୁ ଫେରି ଯାଇଥିବା ଦେଖିବାକୁ ମିଳିଥିଲା।

### ଭାଜପାର ବିଜୟ ଉତ୍ସବ

**ବ୍ରହ୍ମପୁର,୩।୧୨(ନରସିଂହ ସାହୁ)** ଭାଜପା ପକ୍ଷରୁ ରବିବାର ସନ୍ଧ୍ୟାରେ ବ୍ରହ୍ମପୁର ପୁରୁଣା ବସଷ୍ଟାଣ୍ଡରେ ବିଜୟ ଉତ୍ସବ ପାଳନ କରାଯାଇଥିଲା। ୩ ରାଜ୍ୟର ଭୋଟ ଫଳାଫଳ ଭାଜପା ସପକ୍ଷରେ ଯାଇଥିବାରୁ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ବାଣ ଫୁଟାଇ ମିଠା ବଣ୍ଟନ କରାଯାଇଥିଲା। ଉତ୍ସବରେ ଜିଲା ସଭାପତି ଡ଼ା. ସୁବାସ ସାହୁ, ଉପସଭାପତି ସୁନୀଲ ସାହୁ, ରାମ କୁମାର ପାତ୍ର, ସାଧାରଣ ସମ୍ପାଦକ ପ୍ରଭାତ ଷଡ଼ଙ୍ଗୀଙ୍କ ସମେତ ବିଏମସିକୁ ନିର୍ବାଚିତ ଦଳର କର୍ପୋରେଟର, ମହିଳା ଓ ଯୁବ ମୋର୍ଚ୍ଚା କାର୍ଯ୍ୟକର୍ତ୍ତା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ମଣ୍ଡଳ କାର୍ଯ୍ୟକର୍ତ୍ତା ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଢ଼ ନେତୃତ୍ୱର ଗୁଣଗାନ କରିଥିଲେ।

# ଚଳିତବର୍ଷ ଠାବକଲାଣି ୫କୋଟିରୁ ଊର୍ଦ୍ଧ୍ୱ ଟଙ୍କା

**ବ୍ରହ୍ମପୁର ଭିଜିଲାନ୍ସ ବିଭାଗ**

- ୨୦ ମାମଲାରେ ୨୨ ଦୋଷୀ ସାବ୍ୟସ୍ତ

**ବ୍ରହ୍ମପୁର,୩।୧୨(ସୁବାସ ଚନ୍ଦ୍ର ପାଢ଼ୀ)**

ବ୍ରହ୍ମପୁର ଭିଜିଲାନ୍ସ ଚଳିତବର୍ଷ ୫କୋଟି ୭୮ଲକ୍ଷ ୬୨ହଜାର ୮୨୦ ଟଙ୍କାର ସମ୍ପତ୍ତି ଠାବ କଲାଣି। ୭ ସରକାରୀ ଅଧିକାରୀ ଏବଂ ୩ ସାଧାରଣ ଲୋକଙ୍କ ବିରୋଧରେ ୯ ଆୟବହିର୍ଭୂତ ସମ୍ପତ୍ତି ମାମଲା ରୁଜୁ କରି ଚଢ଼ାଉ କରିବା ପରେ ଉପରୋକ୍ତ ସମ୍ପତ୍ତି ଠାବ ହୋଇଛି। ଏହି ମାମଲା ସହ ବ୍ରହ୍ମପୁର ଭିଜିଲାନ୍ସରେ ମୋଟ ୧୯ ମାମଲା ୨୪ଜଣଙ୍କ ବିରୋଧରେ ରୁଜୁ ହୋଇଛି । ଏମାନଙ୍କ ମଧ୍ୟରେ ୩ କ୍ଲାସ ୱାନ ଅଫିସର, କ୍ଲାସ-୨ ୩ ଜଣ ଏବଂ ୧୪ ଜଣ ତୃତୀୟ ଶ୍ରେଣୀ, ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ରହିଛନ୍ତି। ୩ ବେସରକାରୀ ଲୋକ ରହିଛନ୍ତି। ସେହିପରି ୮ ଲାଞ୍ଚ ଗ୍ରହଣ ମାମଲାରେ ୧୨ଜଣଙ୍କୁ ଗିରଫ କରି ସେମାନଙ୍କ ଠାରୁ ୧ଲକ୍ଷ ୫୬ହଜାର ଟଙ୍କା ଜବତ କରିଛି ଭିଜିଲାନ୍ସ। ୨୬ଲକ୍ଷ ୯୨ହଜାର ଟଙ୍କାର ସରକାରୀ ଅର୍ଥ ହେରଫେର ନେଇ ୨ଟି ମାମଲା ରୁଜୁ ହୋଇଛି। ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ବିଭିନ୍ନ ମାମଲାର ବିଚାର ଚାଲିଥିବା ବେଳେ ଚଳିତବର୍ଷ ୨୦ଜଣଙ୍କ ବିରୋଧରେ ଚାର୍ଜଶିଟ ଦାଖଲ ହୋଇଛି । ମୋଟ ୨୪ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୪ଜଣଙ୍କୁ ଗିରଫ କରିଛି ଭିଜିଲାନ୍ସ। ଏମାନଙ୍କ ଭିତରେ ୨ ଜଣ କ୍ଲାସ ୱାନ ଅଫିସର, କ୍ଲାସ-୨ ଦୁଇଜଣ, ୮ଜଣ ତୃତୀୟ ଶ୍ରେଣୀ କର୍ମଚାରୀ ଓ ୨ ଜଣ ଚତୁର୍ଥଶ୍ରେଣୀ କର୍ମଚାରୀ ରହିଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ମିଳିଛି।

ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଚଳିତବର୍ଷ ୨୦ ମାମଲାର ବିଚାର ହୋଇଥିବା ବେଳେ ୨୨ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ସେମାନଙ୍କ ଭିତରେ କ୍ଲାସ ୱାନ ଅଫିସର ଜଣେ, ଦ୍ୱିତୀୟ ଶ୍ରେଣୀ କର୍ମଚାରୀ ୨ଜଣ, ତୃତୀୟ ଶ୍ରେଣୀ କର୍ମଚାରୀ ୧୪ଜଣ, ୪ ଜଣ ଚତୁର୍ଥ ଶ୍ରେଣୀ ଏବଂ ଜଣେ ସାଧାରଣ ଲୋକ ଦଣ୍ଡିତ ହୋଇଛନ୍ତି। କୋର୍ଟରେ ବୟାନ ବଦଳାଇବା ଅଭିଯୋଗରେ ୨୧ଜଣ ସରକାରୀ କର୍ମଚାରୀଙ୍କ ବିରୋଧରେ ଦଫା ୧୯୩ରେ ଭିଜିଲାନ୍ସ କୋର୍ଟରେ ମାମଲା ରୁଜୁ ହୋଇଛି। ଏମାନଙ୍କ ମଧ୍ୟରୁ ୧୪ଜଣଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରାଯାଇଛି ବୋଲି ବିଭାଗୀୟ ସୂତ୍ରରୁ ପ୍ରକାଶ।

## ଆଦର କଲେ ଆଗକୁ ବଢ଼ିବେ ଦିବ୍ୟାଙ୍ଗ

**ବ୍ରହ୍ମପୁର,୩।୧୨(ଅଶୋକ କୁମାର ସାହୁ)**

ସ୍ଥାନୀୟ ଡାଇମଣ୍ଡ ଜୁବୁଲି ଟାଉନ ହଲରେ କ୍ୟୁରୀ ଫିଜିଓଥେରାପି ଏବଂ ପୁନର୍ବାସ କେନ୍ଦ୍ର ତରଫରୁ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ମହାନଗର ନିଗମର ମେୟର ସଂଘମିତ୍ରା ଦଳେଇ କାର୍ଯ୍ୟକ୍ରମକୁ ଉଦଘାଟନ କରି ଥିଲେ। ସେ କହିଥିଲେ ଯେ, ଦିବ୍ୟାଙ୍ଗ ଅନେକ ପ୍ରକାରର। କିଏ ଜନ୍ମରୁ ତ ଆଉ କିଏ ଦୁର୍ଘଟଣାବଶତଃ। ସେ ଯାହା ହେଉନା କାହିଁକି, ସେମାନଙ୍କୁ ସମସ୍ତେ ସହଯୋଗ ଓ ଆଦର କଲେ ସେମାନେ ଆଗକୁ ବଢ଼ିପାରିବେ ବୋଲି କହିଥିଲେ। ସମ୍ମାନନୀୟ ଅତିଥି ଭାବେ ଡ. ଶଙ୍କର୍ଷଣ ପାତ୍ର ଯୋଗଦେଇ ଦିବ୍ୟାଙ୍ଗ ହେବାକୁ ଆମେ ସୁଯୋଗ ଦେବା ଅନୁଚିତ ବୋଲି କହି ଅନେକ ଉଦାହରଣ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଡ. ବିଭୂ କଲ୍ୟାଣ ସାହୁ ଯୋଗଦେଇ କହିଲେ, ଜନ୍ମ ହେଲା ବେଳେ ପିଲାଟି ଅକ୍ଷମ ଥାଏ, ଶେଷ ସମୟରେ ବି ମନୁଷ୍ୟ ଅକ୍ଷମ ହୋଇଯାଏ। ଏହି ଦୁଇଟି ସୋପାନରେ ଦିବ୍ୟାଙ୍ଗଙ୍କ ପ୍ରତି ଆମର ସମାନ ମାନସିକତା ରହିବା ଦରକାର। ଅନ୍ୟତମ ଅତିଥି ଭାବେ ୨୪ ନଂ. ୱାର୍ଡ କର୍ପୋରେଟର ପ୍ରଶାନ୍ତ ପଟ୍ଟନାୟକ ଯୋଗଦେଇ ଭିନ୍ନକ୍ଷମଙ୍କ ପାଇଁ ବିଏମସି ପକ୍ଷରୁ ଥିବା ସାହାଯ୍ୟ ସହଯୋଗର ବାର୍ତ୍ତା ଦେଇଥିଲେ। ଯେଉଁମାନେ ସହାୟତା ପାଇନାହାନ୍ତି ସେମାନେ ଆବେଦନ କଲେ ପାଇପାରିବେ ବୋଲି କହିଥିଲେ। ସେହିପରି ଅନ୍ୟତମ ଅତିଥି ଭାବେ ୩୪ ନଂ. ୱାର୍ଡ କର୍ପୋରେଟର ସୁରେନ୍ଦ୍ର ମହାରଣା ଅନେକ ପ୍ରେରଣାଦାୟକ ମତ ଦେଇଥିଲେ। ଶଶାଙ୍କ ଶେଖର ପରିଡା, ଡା.ଦୈତାରୀ ସାହୁ, ଦେବାଶିଷ ବେହେରା, ଡା.ରଶ୍ମିରେଖା ସାହୁ, ଡା. ଅସ୍ମିତା ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡା.ପ୍ରିୟମ୍ବଦା ପଲାଇ, ଡା ପଦ୍ମଶ୍ରୀ ନାଥ ଭୌମିକ, ଡା.ମନିଷା ମହାପାତ୍ର, ଡା.ଅଙ୍କିତ୍, ଡା. ଉଦିତା ମିଶ୍ର, ପ୍ରତିକ୍ଷା ଘଡାଇ, ଡା. ସ୍ୱାଗତିକା ଚୌଧୁରୀ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

**କୋଟଗଡ଼,୩।୧୨(ସରୋଜ ବଳିୟାରସିଂ):** ଜେଇ ପରିଚୟ ଦେଇ ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ କୋଟଗଡ ପୋଲିସ ରବିବାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ମୁନା ମିଶାଲ। ନାବାଳିକାଙ୍କ ମାଙ୍କ ଏତଲା ଅନୁଯାୟୀ, ମୁନା ନିଜକୁ ଜଣେ ଜେଇଙ୍କ ପରିଚୟ ଦେଇ ଯୁକ୍ତ ୨ରେ ପଢୁଥିବା ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇଥିଲେ। ପରେ ତାଙ୍କ ପରିବାର ଲୋକଙ୍କ ବିଶ୍ୱାସ ଜିତି ୩ ମାସ ପୂର୍ବେ ନାବାଳିକାଙ୍କୁ ନେଇ ବିଷମକଟକ ବ୍ଲକର ଶିକବନ୍ଧ ଗ୍ରାମରେ ଏକ ଘରେ ରଖି ବଳାତ୍କାର କରିଥିଲେ। ଆଇଏଏସ ଅଫିସର ନିକଟରେ ରାୟଗଡାରେ ପୋଷ୍ଟିଂ ହୋଇଯିବେ କହି ମୁନା ନାବାଳିକାଙ୍କୁ ଜାଲ୍ ଦସ୍ତାବିଜ୍ ଦେଖାଇଥିଲେ। କିନ୍ତୁ ମୁନାଙ୍କ ସ୍ତ୍ରୀ ନାବାଳିକାଙ୍କ ଗ୍ରାମରେ ପହଞ୍ଚି ତାଙ୍କ ପରିବାର ଲୋକଙ୍କ ଆଗରେ ସ୍ୱାମୀଙ୍କ ସବୁ ଗୁମର ଖୋଲି ଦେଇଥିଲେ। ମୁନା ପୂର୍ବରୁ ବିବାହିତ ବୋଲି କହିଥିଲେ। ଏ ନେଇ ନାବାଳିକାଙ୍କ ମା' କୋଟଗଡ ଥାନାରେ ଏତଲା ଦେବା ସହ ମୁନା ଓରଫ ଅଲିଆସୁ ବୃଷକେତୁ ବାତ୍ରାଙ୍କୁ ଗିରଫ ଦାବି କରିଥିଲେ। କୋଟଗଡ଼ ପୋଲିସ ନଂ. ୧୬୨/୨୩ରେ ମାମଲା ରୁଜୁ କରି ରବିବାର ଅଭିଯୁକ୍ତ ମୁନା ମିଶାଲଙ୍କୁ ଗିରଫ କରିଛି। ଅଭିଯୁକ୍ତ ମୁନା ମିଶାଲଙ୍କ ଡାକ୍ତରୀମାଇନା ପରେ ଫୁଲବାଣୀ ପୋକ୍‌ସୋ କୋର୍ଟକୁ ପଠାଇବା ସହ ଜେଲ ପଠାଯାଇଥିବା ଥାନା ଅଧିକାରୀ ପି. କେ. ରାଉଳ ଜଣାଇଛନ୍ତି।




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

bmpselfie@gmail.com



@ କ୍ଷୀରାବ୍ଧୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

**ଗଞ୍ଜାମ /କୋଦଳା,୩।୧୨(ବିଦ୍ୟାଧର ସାହୁ/ ଅମିତ କୁମାର ପଟ୍ଟନାୟକ)** ଗଞ୍ଜାମ କଲେଜ ପରିସରରେ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଯୁବ ଓଡ଼ିଶା ନୂଆ ଓଡ଼ିଶା ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ରାମଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଲୋକସମ୍ପର୍କ ଓ ସୂଚନା ଅଧିକାରୀ ତଥା ନାଟ୍ୟକାର ରବିନାରାୟଣ ବେହେରା, ଏନ୍‌ଏସି ଅଧକ୍ଷା ପ୍ରତିଭା ପାଢ଼ୀ, ମୁଖ୍ୟବକ୍ତା ପୂର୍ବତନ କଲେଜ ଅଧକ୍ଷ ଡା. ପ୍ରବୀଣ କୁମାର ନନ୍ଦ, ଅଧ୍ୟାପକ ଗଦାଧର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। କଲେଜ ପ୍ରିନ୍ସିପାଲ ସୀମାଞ୍ଚଳ ଭୋଳ ସଭାପତିତ୍ୱ କରିଥିବା ବେଳେ ଓଡ଼ିଆ ଅଧ୍ୟାପକ ଏସ୍. ମହାନନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଇଂଲିଶ ଅଧ୍ୟାପକ ଦୁର୍ଗା ପ୍ରସାଦ ଦାସ ଓ ଇତିହାସ ଅଧ୍ୟାପକ ରବୀନ୍ଦ୍ର ସେଠୀ ବିଭିନ୍ନ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। ଅଜୟ କୁମାର ବାରିକ୍, ଆଦିତ୍ୟ ମହାପାତ୍ର, ପ୍ରବୀର କୁମାର ପାଢ଼ୀ, ରଘୁନାଥ ରେଡ୍ଡୀ, ହିମାଂଶୁ ଶେଖର ନାହାକ, ସୁଶାନ୍ତ ଆଚାରୀ, ଉମେଶ ଚନ୍ଦ୍ର ଆଚାର୍ଯ୍ୟ ଓ ଇତିହାସ ବିଭାଗ ଅଧ୍ୟାପକ ସୁଶାନ୍ତ ସେଠୀ ପରିଚାଳନା କରିଥିଲେ। ସେହିପରି କୋଦଳା ଲକ୍ଷ୍ମୀ ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା (ନୂଆ ଓ) କାର୍ଯ୍ୟକ୍ରମର ଅଷ୍ଟମ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ବିଭାଗ ତରଫରୁ ରଙ୍ଗୋଲି, ପେଣ୍ଟିଙ୍ଗ, ଫଟୋଗ୍ରାଫି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥଲା। ଅନୁଷ୍ଠାନର ଅଧକ୍ଷ ଡା ଦତାରାମ ବିଷୋୟୀ, କାର୍ଯ୍ୟକ୍ରମ ଅଧିକାରୀ କାଳନ୍ଦୀ ଚରଣ ଦାଶ, ଅଧ୍ୟାପିକା ମୌସୁମୀ ମିଶ୍ର, ସରୋଜ କୁମାର ଆଚାର୍ଯ୍ୟ, ଆଦିତ୍ୟ ପ୍ରସନ୍ନ ମହାପାତ୍ର, ସୁଦର୍ଶନା ପ୍ରଧାନ, ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର ଏବଂ ପ୍ରତିଯୋଗୀଙ୍କ ସକ୍ରିୟ ସହଯୋଗରେ ସୂଚାରୁ ରୂପେ ଅନୁଷ୍ଠିତ ହୋଇଥିଲା।

## ବର୍ଷା ପାଇଁ ସତର୍କ କରାଇଲା କୃଷି ବିଭାଗ

**ଆସିକା/ଛତ୍ରପୁର,୩।୧୨ (ସୁରେନ୍ଦ୍ର ନାଥ ସାହୁ/ଦିଲୀପ ସାମଲ)**

ଗଞ୍ଜାମ ଜିଲାରେ ସୋମବାରଠାରୁ ଗଞ୍ଜାମ ଜିଲାରେ ବାତ୍ୟା ପ୍ରଭାବରେ ବର୍ଷା ହେବା ସମ୍ଭାବନା ରହିଛି। ତେଣୁ ଚାଷୀଙ୍କୁ ସେମାନଙ୍କ ଫସଲ ସୁରକ୍ଷା ଲାଗି ରବିବାର କୃଷି ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଆସିକା ବ୍ଲକ କୃଷି ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ଗ୍ରାମାଞ୍ଚଳରେ ପ୍ରଚାର କରାଯାଇଛି । ଖରିଫ ଧାନ ଫସଲ ଅମଳ ଅପେକ୍ଷାରେ ରହିଥିଲା ବେଳେ ବର୍ଷା ଚାଷୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ଆସିକା ବ୍ଲକର ୭ହଜାର ୬୮ ହେକ୍ଟର ଚାଷ ଜମିରେ ଖରିଫ ଧାନ ଚାଷ କରାଯାଇଛି। ସେଥି ମଧ୍ୟରୁ ଉଚ୍ଚ ଓ ମଧ୍ୟମ କିସମର ଜମିର ଧାନ ଫସଲ ପାଚିଯାଇଥିଲା ବେଳେ ଖାଲୁଆ ଜମିର ଧାନ ପାଚିବାକୁ ପ୍ରାୟ ୧୫ଦିନ ଲାଗିବ ବୋଲି ବିଭାଗ ପକ୍ଷରୁ ଆକଳନ କରାଯାଇଛି । ସେହିଭଳି ଆସିକା ବ୍ଲକରେ ୩୫୦ ହେକ୍ଟରରୁ ଅଧିକ ଜମିରେ ରବି ଫସଲ ଓ ପନିପରିବା ଚାଷ କରାଯାଇଛି। ବର୍ଷା ଅଧିକ ହୋଇ ଜମିରେ ପାଣି ଜମି ରହିଲେ ପନିପରିବା ଫସଲ କ୍ଷତି ହେବା ଆଶଙ୍କା କରାଯାଇଛି ।

ସେହିପରି ଛତ୍ରପୁର କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ପକ୍ଷରୁ ଏକ ସଚେତନତା ରଥ ବିଭିନ୍ନ ପଞ୍ଚାୟତ ବୁଲୁଛି। ଜମିରେ ଥିବା ଫସଲକୁ କିପରି ଚାଷୀ ରକ୍ଷା କରିବେ ସେ ନେଇ ଡାକବାଜି ଯନ୍ତ୍ର ସାହାଯ୍ୟରେ ସଚେତନ କରାଉଛି।

## ବିଜେଡିର ମିଶ୍ରଣ ପର୍ବ

**ବୁଗୁଡ଼ା,୩।୧୨(କାଳି ଚରଣ ଦାଶ)** ସ୍ଥାନୀୟ ବିରଞ୍ଚି ନାରାୟଣ କଲ୍ୟାଣ ମଣ୍ଡପଠାରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାକ୍ତନ କାଉନସିଲର ସୂର୍ଯ୍ୟ ନାରାୟଣ ମହାନ୍ତି ତାଙ୍କ ସମର୍ଥକଙ୍କ ସହ ବିଜେଡିରେ ମିଶିଥିବା ବେଳେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ସେମାନଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ବୁଗୁଡ଼ା ଏନ୍‌ଏସି ବିଜେଡି ସଭାପତି କେ.ତ୍ରିଲୋଚନ ଦୋରାଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୨୫ରୁ ଅଧିକ ଯୁବକ ବିଜେଡିରେ ମିଶିଥିଲେ। ଜିଲା ବିଜେଡି ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ପାଢ଼ୀ ଓ ସମ୍ପାଦକ ମନୋରଞ୍ଜନ ଦାଶ, ଏନ୍‌ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ ଓ ଯୁବ କାଉନସିଲର ଆଶୁତୋଷ ବଡେଇ, ବ୍ଲକ ବିଜେଡି ସଭାପତି ମଦନ ଗୋପାଳ ଦୋରା ଓ ଏମ୍‌ପି ପ୍ରତିନିଧି ବସନ୍ତ ଦଳେଇ ପ୍ରମୁଖ ସମସ୍ତଙ୍କୁ ସ୍ୱାଗତ କରିଥିଲେ।

## ଯୁବକଙ୍କୁ ହତ୍ୟା, ଭଡ଼ାଘରୁ ମୃତଦେହ ଜବତ

**ଗୋପାଳପୁର,୩।୧୨(ନବୀନ ରାଜ ଆଚାରୀ):** ଗୋପାଳପୁର ଥାନା ଅଞ୍ଚଳର ଏକ ଭଡାଘରୁ ସୋରଡ଼ା ନିର୍ବାଚନ ମଣ୍ଡଳୀର ପୂର୍ବତନ କଂଗ୍ରେସ ଯୁବ ସଭାପତିଙ୍କ କ୍ଷତାକ୍ତ ମୃତଦେହକୁ ପୋଲିସ ରବିବାର ଜବତ କରିଛି। ତାଙ୍କୁ କେହି ହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ସନ୍ଦେହ କରୁଛି। ମୃତକ ହେଲେ ଗାଙ୍ଗପୁର ଥାନା ଖଇରପୁଟି ଗ୍ରାମର ଜଗନ୍ନାଥ ନାୟକ (୩୪)। ୩ ମାସ ହେଲା ଜଗନ୍ନାଥ ଗୋପାଳପୁର ରେଉ ସାହିରେ ଏକ ଭଡ଼ା ଘରେ ତାଙ୍କ ୨ସହଯୋଗୀ କୁଲାଡ଼ ନିକଟ ବାଉଡ଼ାର ଗ୍ରାମର ରାଜେଶ ପ୍ରଧାନ ଓ ଆସିକାର ଜୟନ୍ତ ପଣ୍ଡାଙ୍କ ସହ ରହୁଥିଲେ। ସେ ପେସାରେ ଜଣେ ଖବରଦାତା ଥିଲେ। ଗତ ୨୯ ତାରିଖରୁ ଜଗନ୍ନାଥ ଘରକୁ ଆସି ନ ଥିଲେ ଓ ପରିବାର ସହ ଯୋଗାଯୋଗ ନ ହେବାରୁ ତାଙ୍କୁ ଫୋନ କରିଥିଲେ ବି ଫୋନ ବନ୍ଦ ଥିଲା। ସମ୍ପର୍କୀୟ ଓ ସାଙ୍ଗମାନେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ଟେର ପାଇ ନ ଥିଲେ। ରବିବାର ସକାଳେ ସମ୍ପୃକ୍ତ ଭଡା ଘର ନିକଟରେ ଜଗନ୍ନାଥଙ୍କ ଭାଇ ଓ ସାଙ୍ଗମାନେ ପହଞ୍ଚିଥିଲେ। ଉକ୍ତ ଘର କାବଟ ବନ୍ଦ ଥିବା ଓ ଦୁର୍ଗନ୍ଧ ଆସୁଥିବା ଜାଣି ଜଗନ୍ନାଥଙ୍କ ଭାଇ ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ। ଗୋଳନ୍ଥରା ଥାନା ଅଧିକାରୀ ବିବେକାନନ୍ଦ ମହନ୍ତ,ଏସଆଇ ମହେନ୍ଦ୍ର ବେହେରା ଅନ୍ୟ ପୋଲିସ ଅଧିକାରୀ ପହଞ୍ଚି ମାଜିଷ୍ଟ୍ରେଟ ତଥା କନିଷ୍ଠ ଅତିରିକ୍ତ ତହସିଲଦାର ସୋମେଶ ରଣବିଜୁଳିଙ୍କ ଉପସ୍ଥିତିରେ ତାଲାଭାଙ୍ଗି ଗଳିତ ମୃତଦେହ ଜବତ କରିଥିଲେ। ସେଠାରୁ ପଥର ମଧ୍ୟ ଜବତ ହୋଇଛି। ସାଇଣ୍ଟିଫିକ ଟିମ ପହଞ୍ଚି ସେଠାରୁ ନମୁନା ସଂଗ୍ରହ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଏମକେସିଜି ମେଡିକାଲକୁ ପଠାଯାଇଛି। ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ ଘଟଣାର ଅନୁଧ୍ୟାନ କରିଛନ୍ତି। ଏ ନେଇ ୪୯୬/୨୩ରେ ଏକ ହତ୍ୟା ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ଛେଲାଗଡ଼ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

**ଆର.ଉଦୟଗିରି,୩।୧୨(ମନୋଜ କୁମାର ପାଢୀ)**

ଆର.ଉଦୟଗିରି ବ୍ଲକ ଛେଲାଗଡ଼ ଗ୍ରାମରେ ଥିବା କଲ୍ୟାଣ ବିଭାଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ଚଳିତ ଶିକ୍ଷା ବର୍ଷର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଜିଲା ବିଜେଡି ସଭାପତି ଜଗବନ୍ଧୁ ଦାସ, ଆର.ଉଦୟଗିରି ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଶବର, ମୁଖ୍ୟ ବକ୍ତା ବିଡିଓ ଲରିମନ ଖର୍ସେଲ, ସମ୍ମାନିତ ଅତିଥି କନିଷ୍ଠ ଯନ୍ତ୍ରୀ ଖର୍ବେଶ୍ୱର ସାହୁ, ଛେଲାଗଡ଼, ଡାବାରାଗୁଡା ସରପଞ୍ଚ, ସମିତିସଭ୍ୟ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି, ସିଆର୍‌ସିସି, ନିକଟସ୍ଥ ସମସ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ଗ୍ରାମ ମୁଖିଆ, ଛାତ୍ରୀଛାତ୍ରଙ୍କ ଅଭିଭାବକ ଓ ଅଭିଭାବିକା ପ୍ରମୁଖ ଯୋଗ ଦେଇଥିଲେ। ବିଜ୍ଞାନ ଶିକ୍ଷକ ଓ ବରିଷ୍ଠ ଶିକ୍ଷକଙ୍କ ନେତୃତ୍ୱରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ବିଦ୍ୟାଳୟର କର୍ମଚାରୀ ସହଯୋଗ କରିଥିଲେ।


ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ।

## କନ୍ହେଇପୁର ପ୍ରାଥମିକ ବିଦ୍ୟାଳୟ ଶତବାର୍ଷିକୀ ପାଳନ ପ୍ରସ୍ତୁତି



**ଖଲ୍ଲିକୋଟ,୩।୧୨(ପ୍ରଶାନ୍ତ କୁମାର ମିଶ୍ର)** ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ କନ୍ହେଇପୁର ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟ କନ୍ହେଇପୁର ଶତବାର୍ଷିକୀ ପାଳନ ପାଇଁ ବିଦ୍ୟାଳୟ ପରିସରରେ ରବିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପୂର୍ବତନ ଛାତ୍ର ତଥା ଉକ୍ତ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ସାହୁଙ୍କ ଉପସ୍ଥିତିରେ ଆୟୋଜିତ ବୈଠକରେ ଶତବାର୍ଷିକୀ ମହୋତ୍ସବ କମିଟି ସଦସ୍ୟ ଦେବରାଜ ନାଏକ, କୃଷ୍ଣଚନ୍ଦ୍ର ପଣ୍ଡା, ସଞ୍ଜୟ କୁମାର ସାହୁ, ଉମେଶ ଚନ୍ଦ୍ର ନାଏକ, କନ୍ହେଇପୁର ସରପଞ୍ଚ ପ୍ରକାଶ ଚନ୍ଦ୍ର ସାସମଲ, ବିଦ୍ୟାଳୟର ବର୍ତ୍ତମାନର ପ୍ରଧାନ ଶିକ୍ଷକ ନିରଞ୍ଜନ ସେଠୀ, ଅଶୋକ କୁମାର ସାହୁ ପ୍ରମୁଖ ମହୋତ୍ସବ ପ୍ରସ୍ତୁତିର ପ୍ରସ୍ତାବ ଦେଇଥିଲେ। ୧୯୧୮ରେ ପ୍ରତିଷ୍ଠା ଲାଭ କରିଥିବା ଏହି ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ପୂର୍ବତନ ଛାତ୍ରୀଛାତ୍ର ଏବଂ ଏହାର ଇତିହାସ ଅବସରପ୍ରାପ୍ତ ଶିକ୍ଷକ ନିତ୍ୟାନନ୍ଦ ପ୍ରକାଶ କରିଥିଲେ। ଡିସେମ୍ବର ୯ ଓ ୧୦ ତାରିଖ ଦୁଇ ଦିନ ଧରି ଏହି ଶତବାର୍ଷିକୀ ପାଳନ ପାଇଁ ସ୍ଥିର ହୋଇଛି। ବୈଠକରେ ପୂର୍ବତନ ଛାତ୍ର ଗୋବିନ୍ଦ ଚନ୍ଦ୍ର ନାଏକ, ସୁବାଷ ଚନ୍ଦ୍ର ସୁବୁଦ୍ଧି, ବିଜୟ କୁମାର ବେହେରା, ଭବାନୀ ସଙ୍କର ସାହୁ, କୈଳାସ ଚନ୍ଦ୍ର ସାହୁଙ୍କ ବହୁ ପୂର୍ବତନ ଛାତ୍ର ଉପସ୍ଥିତ ଥିଲେ।

## ଜିଲା ଅଙ୍ଗନୱାଡ଼ି କର୍ମୀ ସଂଘ ବୈଠକ

**ବ୍ରହ୍ମପୁର,୩।୧୨(ନରସିଂହ ସାହୁ)**

ସିପିଆଇର ଶ୍ରମିକ ସଂଗଠନ ଏଆଇଟିୟୁସି ଅନୁବନ୍ଧିତ ଗଞ୍ଜାମ ଜିଲା ଅଙ୍ଗନୱାଡ଼ି କର୍ମୀ ସଂଘର ବୈଠକ ରବିବାର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟିକର ଖାଦ୍ୟ ଯୋଜନାରେ ୧୫ରୁ ୧୯ ବର୍ଷ ବୟସର କିଶୋରୀ ବାଳିକାଙ୍କୁ ଅଙ୍ଗନୱାଡ଼ି କେନ୍ଦ୍ର ଦ୍ୱାରା ଖାଦ୍ୟ ଯୋଗାଇବାର ନିଷ୍ପତ୍ତି ନେଇଛନ୍ତି। ପ୍ରତ୍ୟେକଙ୍କୁ ମାସିକ ୧୬ଟି ଅଣ୍ଡା ସମେତ ମସଲା ମୁଢ଼ି ଓ ଭଜା ଚଣା ଦେବାର ବ୍ୟବସ୍ଥା ହୋଇଛି। ତେବେ ସରକାରଙ୍କ ପକ୍ଷରୁ ବଜାର ଦର ଅପେକ୍ଷା କମ୍ ଦର ଧାର୍ଯ୍ୟ କରାଯାଇଛି। ଫଳରେ କର୍ମୀମାନେ ହଟହଟା ହେଉଛନ୍ତି। ସଂଘ ପକ୍ଷରୁ କୁହାଯାଇଛି ବଜାରରେ ଅଣ୍ଡା ଗୋଟିକୁ ୭ ଟଙ୍କା ହୋଇଥିବା ବେଳେ ସରକାର ୫ ଟଙ୍କା ଧାର୍ଯ୍ୟ କରିଛନ୍ତି। ତେଣୁ ବଜାର ଦର ଅନୁସାରେ ଦର ଧାର୍ଯ୍ୟ ପାଇଁ ଦାବି କରାଯାଇଛି।

ବୈଠକରେ ମମତାଜ ଖୁଣ୍ଟିଆ ଅଧକ୍ଷତା କରିଥିଲେ। ସମ୍ପାଦକ ନର୍ମଦା ନାହାକ ବିବରଣୀ ପାଠ ସହ ସାଙ୍ଗଠନିକ ପ୍ରସ୍ତାବ ଆଗତ କରିଥିଲେ। ଧାର୍ଯ୍ୟ ଧର ବୃଦ୍ଧି ସହ କର୍ମୀଙ୍କୁ ମୋବାଇଲ ରିଚାର୍ଜ ପାଇଁ ମାସିକ ୨ ଶହ ଟଙ୍କା, ପୋଷଣ ଭତ୍ତା ୫ ଶହ ଟଙ୍କା, ଆଶା ଓ ଅଙ୍ଗନୱାଡ଼ି କର୍ମୀଙ୍କ ସହ ପାଚିକାଙ୍କୁ ଚାକିରି ମାନ୍ୟତା ସହ ସମସ୍ତଙ୍କୁ ମୌଳିକ ସୁବିଧା ଯୋଗାଇବାକୁ ଦାବି କରାଯାଇଛି। ତୁରନ୍ତ ଦାବି ପୂରଣ ନ ହେଲେ ଆସନ୍ତା ୧୬ ତାରିଖରେ ବିଧାନସଭା ଘେରାଉ ସହ ବିକ୍ଷୋଭ ପ୍ରଦର୍ଶନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି।

ବୈଠକରେ ଏଆଇଟିୟୁସି ନେତା ପ୍ରଶାନ୍ତ ପାଟଯୋଷୀ, ବିଜୟ ଜେନା, ପ୍ରବୀଣ ଦାସ, ଅଳକ ମିଶ୍ରଙ୍କ ସମେତ ବାସନ୍ତି ସାହୁ, ଲକ୍ଷ୍ମୀ କୁମାରୀ ପ୍ରଧାନ ମାଣିକେଶ୍ୱରୀ ପଟ୍ଟନାୟକ, ଗାୟତ୍ରୀ ପଣ୍ଡା, ସୁନିତା ସାହୁ, ଏସ. ଲୀଳାବତୀ, ପ୍ରତିମା ଦାସ, କୁନି ଦାସ, ରୀତାଞ୍ଜଳି ଦାସ, ସନ୍ତୋଷ ପଟ୍ଟନାୟକ, ଦମୟନ୍ତୀ ଦୋରା, ସବିତା ଦେବୀ, ପ୍ରମିଳା ଜେନା ପ୍ରମୁଖ ଯୋଗ ଦେଇଥିଲେ। ଚିଠା ପ୍ରସ୍ତାବ ଉପରେ ହୋଇଥିବା ଆଲୋଚନାରେ ଭାଗ ନେଇଥିଲେ।


ଜିଲା ଅଙ୍ଗନୱାଡ଼ି କର୍ମୀ ସଂଘର ବୈଠକ

